ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ, ଢେଙ୍କାନାଳ

ଦୂରଭାଷ : ୦୬୭୭୨-୨୨୪୪୧୪

ଇମେଲ୍:-ଡିକେଏଲ୍.ଡିଆଇପିଆର୍ଓ@ଜିମେଲ୍.କମ୍

ପତ୍ର ସଂଖ୍ୟା ----୪୨୮----/ସୂ.ଲୋ.ସଂ ତା.୦୨/୦୨/୨୦୨୦----

ଢେଙ୍କାନାଳ ଜିଲ୍ଲାରେ ଆଉ ୨ ଜଣ କରୋନା ଆକ୍ରାନ୍ତ ଚିହ୍ନଟ । ଆକ୍ରାନ୍ତଙ୍କ ସଂଖ୍ୟା ୨୮ କୁ ବୃଦ୍ଧି ।

ଢେଙ୍କାନାଳ, ତା. ୦୨/୦୬/୨୦୨୦-

ଗତକାଲି ଢେଙ୍କାନାଳ ଜିଲ୍ଲାରେ ଆଉ ୨ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ମହାରାଷ୍ଟ୍ର ଫେରିଥିବା ଆକ୍ରାନ୍ତ ଜଣଙ୍କ ଗତ ୧୮, ୨୧ ରେ ଘରକୁ ଫେରିଛନ୍ତି ଯାହା ୨୨ ଦିନ ପାଇଁ ସଂଗରୋଧ କେନ୍ଦ୍ରରେ ରହୁଥିଲେ । ତାଙ୍କର ସ୍ୱାବ ଗତ ୨୦ ତାରିଖ ଦିନ ସଂଗ୍ରହ କରାଯାଇ ପରୀକ୍ଷା ନିମନ୍ତେ ପଠାଯାଇଥିଲା । ସେହିପରି ନଂଧୀଆ ବ୍ଲକର ଅନ୍ୟ ଜଣେ ବ୍ୟକ୍ତି ଗତ ୨୦ ତାରିଖ ଦିନ ଘରକୁ ଫେରିଛନ୍ତି ଯାହା ୨୩ ତାରିଖ ଦିନ ନଂଧୀଆସ୍ଥିତ ସଂଗରୋଧ କେନ୍ଦ୍ରରେ ରହୁଥିଲେ । ଗତ ୨୧, ୨୧ ରେ ତାଙ୍କର ସ୍ୱାବ ସଂଗ୍ରହ କରାଯାଇ ପରୀକ୍ଷା ନିମନ୍ତେ ପଠାଯାଇଥିଲା । ଏହି ୨ ବ୍ୟକ୍ତିଙ୍କ ପରୀକ୍ଷା ରିପୋର୍ଟ ଗତକାଲି ୦୧/୦୬/୨୦୨୦ ରେ କରୋନା ପଜିଟିଭ୍ ଆସିଛି । ଏହି ୨ ଜଣ ଆକ୍ରାନ୍ତଙ୍କ ତାଳଚେର କୋଭିଡ୍ ହସ୍ପିଟାଲରେ ଚିକିତ୍ସା ନିମନ୍ତେ ପଠାଇଦିଆଯାଇ ତଥା ୨୮ଟି ସଂଗରୋଧ କେନ୍ଦ୍ରକୁ କିଆଯାଇଛି । ଏହି ୨୮ଟି ସଂଗରୋଧ କେନ୍ଦ୍ରକୁ ମଣ୍ଡେନମେଣ୍ଟ ଜୋନ୍ ଭାବେ ଘୋଷଣା କରାଯାଇଛି । ଯେଉଁଠାରେ ତାଙ୍କ ଘରକୁ ଫେରି ଯାହା ସଂଗରୋଧ କେନ୍ଦ୍ରରେ ରହୁଥିଲେ, ଏବଂ ଯୋଗୁଁ ସଂକ୍ରମଣର ଶୃଙ୍ଖଳା ସାବ୍ୟସ୍ତ ।

ଏବଂ ଢେଙ୍କାନାଳ ଜିଲ୍ଲାବାସୀ କୌଣସି ପ୍ରକାର ଉତ୍କଣ୍ଠିତ ନ ହୋଇ ସାମାଜିକ ଦୂରତା, ମାସ୍କ ବ୍ୟବହାର ଉପରେ ଗୁରୁତ୍ୱଦେବା ସହିତ ଯଥାଯଥ ସାବଧାନତା ଅବଲମ୍ବନ କରିବାକୁ ଜିଲ୍ଲାପାଳ ଶ୍ରୀ ଉମେଶ ଚନ୍ଦ୍ର ଜଣାଇଛନ୍ତି ।

—x—

ଏହାର ନକଲ ଗଣମାଧ୍ୟମର ପ୍ରତିନିଧିମାନଙ୍କ ଅବଗତି ଓ ପ୍ରଚାର ନିମନ୍ତେ ପଠାଗଲା ।

ତା.୦୨.୬.୨୦୨୦

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ
ଢେଙ୍କାନାଳ